## ସଂକ୍ଷେପରେ

### ଅସହାୟଙ୍କୁ କମ୍ବଳ ବଣ୍ଟନ

ଆରଡ଼ି,୧।୧(ଡି.ଏନ.ଏ.)- ଭଦ୍ରକ ଜିଲାର ଆରଡ଼ି ଅଞ୍ଚଳରେ ଶୀତର ପ୍ରକୋପ ଜାରି ରହିଛି। ଏଭଳି ସ୍ଥିତିରେ ଅସହାୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ପାଳସାହି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପଣ୍ଡିତ ପଞ୍ଚାନନ ମିଶ୍ର ବେତାଳିଗାଁ ନବଗ୍ରହ ମନ୍ଦିର ପରିସରରେ ବୁଧବାର ଅପରାହ୍ନରେ ୧୦୦ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ପାଳସାହିର ପୂର୍ବତନ ସରପଞ୍ଚ ଭାଗିରଥୀ ମହାନ୍ତି, ଅନିଲ ଦାସ, ସମିତିସଭ୍ୟ ଆଡଭୋକେଟ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ସମିତିସଭ୍ୟ ଦିବାକର ସାହୁ, ସାମାଜିକ କର୍ମୀ ପ୍ରତାପ ବାରିକ ଓ ଅମର ସାହୁ ପ୍ରମୁଖ କମ୍ବଳ ବଣ୍ଟନ ବେଳେ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖରେ ଆଉ ୨୦୦ ଅସହାୟଙ୍କୁ କମ୍ବଳ ଯୋଗାଇ ଦିଆଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି କହିଥିଲେ।

### ବନ୍ଧୁମିଳନ ଓ ଗୁରୁପୂଜନ

ଚାନ୍ଦବାଲି,୧।୧(ଡି.ଏନ.ଏ.)- ଚାନ୍ଦବାଲି ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୪ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶିକାନ୍ତ ଦତ୍ତ ଅଧ୍ୟକ୍ଷତା କରିଥିଲେ। ଭଦ୍ରକ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ମୁଖ୍ୟଅତିଥି ଓ ଦୋସିଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷକ ସୁକୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ପାଣିଗ୍ରାହୀ ବିବରଣୀ ପାଠ, ଗୌରହରି ନାୟକ ଅତିଥି ପରିଚୟ ଓ ଅମୂଲ୍ୟ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ପଞ୍ଚାନନ ପଲାଇ, ବିଷ୍ଣୁମୋହନ ମହାପାତ୍ର, ବୁଦ୍ଧିରାମ ରାଉତ, ନନ୍ଦକିଶୋର ବାରିକ, ବଂଶୀଧର ନାୟକ, ଅର୍ଜୁନ ଚରଣ ସାହୁ ଓ ବିମୋହିତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦିବଂଗତ ଶିକ୍ଷକ ନୀଳକଣ୍ଠ ରଥ, ପ୍ରଫୁଲ୍ଲ ସାହୁ, ଦଶରଥ ମାଝୀ ଓ ହେମେନ୍ଦ୍ର ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ମୋ ବିଦ୍ୟାଳୟ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ସରିଲା ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର

ବାସୁଦେବପୁର,୧।୧(ଡି.ଏନ.ଏ.)- ବାସୁଦେବପୁର ଇରମ ଶହୀଦ ମେମୋରିଆଲ ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ବଇଁଚା ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାରେ ଚାଲିଥିବା ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୮ଜଣ ସ୍ୱେଚ୍ଛାସେବୀ ଶିବିରରେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ସେମାନେ ଇରମ ଶହୀଦ ପୀଠ, ସ୍ମୃତିସ୍ତମ୍ଭ, ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ, ବଜ୍ରକାଳୀ ମନ୍ଦିର ସମେତ ବଇଁଚା ପ୍ରାଥମିକ ବିଦ୍ୟାଳୟ ପରିସର ସଫା କରିଥିଲେ। ଏହାଛଡ଼ା ସ୍ୱଚ୍ଛ ଭାରତ, ଆଇନ ଓ ଏଡ୍‌ସ ସଚେତନତା, କମ୍ପ୍ୟୁଟର ଶିକ୍ଷା ସମ୍ବନ୍ଧରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇଥିଲା। ଶିକ୍ଷାନୁଷ୍ଠାନ ଅଧକ୍ଷ ଦୁଃଶାସନ ମଲିକ, ଅଧାପକ ସରୋଜ ଦେ, ପୁଷ୍ପଲତା ପତି, ହୃଷୀକେଶ ଅଗସ୍ତି, ରାଜକିଶୋର ବାରିକ, ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଅଧାପକ ପୀତବାସ ପଣ୍ଡା, ଅବସରପ୍ରାପ୍ତ ଅଧାପକ ଅନନ୍ତ ପ୍ରସାଦ ଜେନା ଉପସ୍ଥିତ ରହିଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ ଶରତ କୁମାର ଜେନା ଶିବିର ପରିଚାଳନା କରିଥିଲେ।

# ଆଖଣ୍ଡଳମଣି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଆରଡ଼ି,୧।୧(ଡି.ଏନ.ଏ.)

ଇଂଲିଶ ନବବର୍ଷ ଅବସରରେ ବୁଧବାର ଆରଡ଼ିର ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋର ୪ଟା ୩୦ରେ ମନ୍ଦିର ପହଡ଼ ଖୋଲାଯିବା ପରେ ମଙ୍ଗଳ ଆଳତି କରାଯାଇଥିଲା। ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁମାନେ ଲମ୍ବାଧାଡ଼ିରେ ଆସିଥିଲେ। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ହରିବୋଲ, ହୁଳହୁଳି, ଓଁ ନମଃ ଶିବାୟ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଆରଡ଼ି ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ବେଢ଼ା ବାହାରେ ବ୍ୟାରିକେଡ୍ କରାଯାଇ ଭକ୍ତମାନଙ୍କୁ ଦିଅଁ ଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା। ପୀଠ ଭିତରେ ଓ ବାହାରେ ପୋଲିସ ମୁତୟନ କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଜଳପଥରେ ମଧ୍ୟ ପୀଠକୁ ବହୁ ଭକ୍ତଙ୍କ ଆଗମନ ହୋଇଥିଲା। ଏଥିପାଇଁ ତିନିତର, ମୁଆଁ ଓ ଧାନଖଣିଆ ଘାଟରେ ପୋଲିସ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲା। ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ବିଜୟ କୁମାର ଦାଶ ଓ ଛାତ୍ରୀଛାତ୍ର ଭିଡ଼ ନିୟନ୍ତ୍ରଣ ପାଇଁ ପୀଠରେ ନିୟୋଜିତ ହୋଇଥିଲେ। ସେମାନେ ସକାଳୁ ପୀଠ ସଫା କରିବା ସହ ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଇଥିଲେ। ପୀଠରେ ପ୍ରାୟ ୪୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ମନ୍ଦିର ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲାଇ ସୂଚନା ଦେଇଛନ୍ତି।


ଆଖଣ୍ଡଳମଣି ମନ୍ଦିରରେ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

# ‘କବିତା ସର୍ବଦା ସତ୍ୟ ଅନିସନ୍ଧିତ୍ସୁ’

ଭଦ୍ରକ ଅଫିସ, ୧।୧

ନୂତନବର୍ଷରେ ପୁରାତନ ସାହିତ୍ୟ ଅନୁଷ୍ଠାନ ଭଦ୍ରକ ସାହିତ୍ୟ ପରିଷଦର ବନ୍ଧୁମିଳନ ଓ କବିତା ପାଠ ଉତ୍ସବ ବାବା ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ. ଗୋଲକ ବିହାରୀ ସାହୁ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ବ୍ରଜମୋହନ ମିଶ୍ର ଯୋଗଦେଇ ‘କବିତାରେ ଆତ୍ମ ଅନ୍ୱେଷଣ’ ଶୀର୍ଷକରେ କହିଥିଲେ, ଇତିହାସ ଅତୀତର କଥା କହୁଥିବା ବେଳେ କବିତା ଆଉ ଏକ ପାଦ ଆଗକୁ ଯାଇ ସମ୍ଭାବନାର କଥା କହେ। କବିତା ସର୍ବଦା ସତ୍ୟ ଅନିସନ୍ଧିତ୍ସୁ। କବିତାର କଳା ଶକ୍ତି କାଳଜୟୀ। ଅନ୍ୟତମ ବକ୍ତା ଡ. ବାସୁଦେବ ବାରିକ, ଡ. ରାଧାରାଣୀ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା, ଗାଳ୍ପିକ ରଜନୀ ମହାନ୍ତି ସାହିତ୍ୟରେ ବନ୍ଧୁତାର ସୁଖଦୁଃଖ କଥା ଶୁଣାଇଥିଲେ। ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜନରେ କବି ଖଗେଶ୍ୱର ଜେନା ଓ ଅଧ୍ୟାପିକା ନୀଳିମା ପଣ୍ଡା କବିତାଗୁଡ଼ିକୁ ସଂଯୋଜନା କରିଥିଲେ। କବିତାଗୁଡ଼ିକୁ ସମୀକ୍ଷା କରିଥିଲେ ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ଏବଂ ଡ. ପ୍ରଭାତନଳିନୀ ମହାପାତ୍ର। ବରିଷ୍ଠ କବି ସଦାନନ୍ଦ ସାହୁ, କରୁଣାକର ବେହୁରିଆ, ଦାଶରଥି ପଣ୍ଡା, ବ୍ୟଙ୍ଗକବି ବସନ୍ତ ମିଶ୍ର, ଅଶୋକ ମହାନ୍ତି, ଗୀତାରାଣୀ ଆଇଚ, ଶାନ୍ତନୁ ରାଉତ, ଦୀପ୍ତିମୟୀ ସାହୁ, ଶକୁନ୍ତଳା ନାୟକ ଓ ପ୍ରାଧ୍ୟାପକ ରତିକାନ୍ତ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ଶରତ ନାୟକ ପୂର୍ବ ବୈଠକର ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ବାବୁଲାଲ ଦାସ ଧନ୍ୟବାଦ ଦେଇଥିଲେ।


କବିତା ପାଠୋତ୍ସବରେ ଯୋଗ ଦେଇଥିବା ସାହିତ୍ୟିକମାନେ।

# ୮ରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ହରତାଳ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର ନେତା।

ଭଦ୍ରକ ଅଫିସ, ୧।୧

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଆସନ୍ତା ୮ ତାରିଖରେ ଦେଶବ୍ୟାପୀ ହରତାଳ କରାଯିବ। ଅହେତୁକ ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା ବଢ଼ିବା, ସରକାରୀ ଶିଳ୍ପଗୁଡ଼ିକ ବିକ୍ରି, କେତେକ ରାଷ୍ଟ୍ରାୟତ୍ତ ଶିଳ୍ପରେ ବିଦେଶୀ ପୁଞ୍ଜି ପ୍ରବେଶ, ସ୍ଥାୟୀ କାମରେ ଅସ୍ଥାୟୀ ଶ୍ରମିକଙ୍କୁ ନିୟୋଜିତ କରିବା, ଶ୍ରମିକଙ୍କୁ ଉପଯୁକ୍ତ ମଜୁରି ନ ମିଳିବା ଆଦି ସମସ୍ୟା ନେଇ ବିଭିନ୍ନ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବେ। ଏହି ପରିପ୍ରେକ୍ଷୀରେ ଭଦ୍ରକ ସଂସ୍କୃତି ଭବନ ପରିସରରେ ବିଭିନ୍ନ କେନ୍ଦ୍ରୀୟ ସଙ୍ଗଠନ ଓ ସ୍ଥାନୀୟ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଟୁ, ଏଆଇଟିୟୁସି, ଏଆଇସିସିଟିୟୁ ଓ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ଦିବ୍ୟସିଂହ ନାୟକ, ସମର ବଳ, ଶୁଭେନ୍ଦୁ ପ୍ରତାପ ମହାନ୍ତି, ଅଜୟ ନାୟକ, ମମତା ଜେନା, ଶାନ୍ତିଲତା ରାଉତ, ଭବେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ବିରୋଧରେ ସମସ୍ତେ ଏକତ୍ର ହୋଇ ଉପଯୁକ୍ତ ଜବାବ ଦେବା ପାଇଁ ସେମାନେ ବିଭିନ୍ନ ସଙ୍ଗଠନର ସହଯୋଗ ଲୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଜେନା, ଜଗନ୍ନାଥ ରାଉତ, ସୀତା ଦାସ, କାଳନ୍ଦୀ ପାତ୍ର, ମଳୟ ଭୋଇ, ବିଷ୍ଣୁ ଦାସ, ରାଧା ଦାସ, ଶାନ୍ତି ନାୟକ, ସେକ୍ ସତାରୁଦ୍ଦିନ, ଚନ୍ଦ୍ରଶେଖର ନାୟକ, ପ୍ରଭାସ ମହାପାତ୍ର, ନବ ବେହେରା, ବୁଧିରାମ ଦାସ, ସଂଗ୍ରାମ ବିକାଶ ନାଥ, ଗିରିଧାରୀ ନାଥ, ନିରଞ୍ଜନ ପାଣି, ଜଗନ୍ନାଥ ପାଣି, ପ୍ରଫୁଲ୍ଲ ବାରିକ, ସେକ୍ ଅବଦୁଲ ରହେମାନ୍, ସେକ୍ ନାଜିର ଓ ଅନିରୂପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୩୮୫ ରୋଗୀଙ୍କ ଚକ୍ଷୁ ଚିକିତ୍ସା

ଧାମନଗର, ୧।୧(ଡି.ଏନ.ଏ.)

ଧାମନଗର ବ୍ଲକ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ଥାନୀୟ ସରକାରୀ ହାଇସ୍କୁଲ ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। କଟକ ବିଡାନାସି ଜେପିଏମ୍ ଚକ୍ଷୁ ଚିକିତ୍ସାଳୟ ପ୍ରଶାସନିକ ଅଧିକାରୀ ଅଲୋକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ପରିଷଦ ସଭାପତି ଘଣ୍ଟେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସଚିକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକରୁ ୪୫୧ ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ୩୮୫ ଜଣଙ୍କ ଚିକିତ୍ସା କରାଯାଇଥିଲା। ୮୦ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ଆସନ୍ତା ୫ ତାରିଖରେ ଅପରେଶନ ପାଇଁ ବ୍ୟବସ୍ଥା କରାଯାଇଥିବା ସମ୍ପାଦକ ପଣ୍ଡା ସୂଚନା ଦେଇଛନ୍ତି। ଡା. ବିବେକ ଅରବିନ୍ଦ ଓ ଡା. ରାଜେଶ୍ୱରୀ ସାହି ନିଜ ଟିମ୍ ସହିତ ଚିକିତ୍ସା କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ

ଭଦ୍ରକ ଅଫିସ,୧।୧

ଭଦ୍ରକ ବ୍ଲକ ଅନ୍ତର୍ଗତ ବିଜେ ଗଙ୍ଗାଧରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୧ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିନେତାରକା ମୁନା ଖାଁ, ଖଣ୍ଡତଡ଼ା ପଞ୍ଚାୟତର ସରପଞ୍ଚ ବିଶ୍ୱନାଥ ନାୟକ ଓ ସମାଜସେବୀ ସୁଧାକର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ଉପଦେଷ୍ଟା ମହେଶ୍ୱର ନାୟକ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଧୁମିଳନ, ସ୍ମୃତି ସମାରୋହ

ଭଣ୍ଡାରିପୋଖରୀ,୧।୧(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବଜାରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦ ପକ୍ଷରୁ ବୁଧବାର ନବବର୍ଷ-୨୦୨୦ ବନ୍ଧୁମିଳନ ଓ ସାମାଜିକ କର୍ମୀ ସ୍ୱର୍ଗତ ଗଙ୍ଗାଧର ଦାସଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରେମାନନ୍ଦ ନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବିଦ୍ୟାଧର ମହାପାତ୍ର, ପଣ୍ଡିତ ରମାକାନ୍ତ ଜେନା, ପ୍ରଫୁଲ୍ଲ ସାହୁ, ଘନଶ୍ୟାମ ସ୍ୱାଇଁ, ଭାସ୍କର ଚନ୍ଦ୍ର ଦାସ, ପ୍ରଫୁଲ୍ଲ ପଣ୍ଡା, କରୁଣାକର ବାରିକ ପ୍ରମୁଖ ଯୋଗଦେଇ ନୂତନ ବର୍ଷକୁ ସ୍ୱାଗତ କରିବା ସହ ସ୍ୱର୍ଗତ ଦାସଙ୍କ ବହୁମୁଖୀ ଜୀବନୀ ସମ୍ପର୍କରେ କହିଥିଲେ। ସଂସଦ ସମ୍ପାଦକ ପୁରୁଷୋତ୍ତମ ଧଳ ଉଦ୍ଦେଶ୍ୟ ଜ୍ଞାପନ ଓ ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।





BABA POLY CLINIC
NEAR CENTRAL BANK, ASTAL, NAYA BAZAR,
BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. RAJESH SENAPATI | (ହାଡ଼ ଓ ଗଣ୍ଠି ରୋଗ) ପ୍ରତି ସପ୍ତାହ ମଙ୍ଗଳବାର ଓ ଶନିବାର ସକାଳ ୧୦ଟାରୁ ୨ଟା |
| DR. N.K. PATHI (Kolkata) | (ଆଣ୍ଠୁ ଓ ଗଣ୍ଠି ରୋଗ) ପ୍ରତ୍ୟେକ ସପ୍ତାହ ବୁଧବାର ଓ ରବିବାର ସକାଳ ୧୦ଟାରୁ ୨ଟା |
| DR. GIRIJA SHANKAR MOHANTA (Cuttack) | (କାନ, ନାକ ଓ ଗଳା ବିଭାଗ) ପ୍ରତ୍ୟେକ ବୁଧବାର ସକାଳ ୧୦ଟାରୁ ୧ଟା |
| DR. DEBASISH NANDA (BBSR) | (ମୁଣ୍ଡ ଏବଂ ଗଳା ବିଭାଗ) ପ୍ରତ୍ୟେକ ରବିବାର ସକାଳ ୯ଟାରୁ ୧୨ଟା |
| DR. RITESH KUMAR BHOOT (BBSR) | (ସ୍ନାୟୁ ବିଭାଗ), ପରାମର୍ଶ ସମୟ: ପ୍ରତ୍ୟେକ ମାସ ୨ୟ ବୁଧବାର ସକାଳ ୧୧ଟାରୁ ୧ଟା ଓ ମାସ ୪ର୍ଥ ରବିବାର ୧୧ଟାରୁ ୧ଟା |
| DR. DHIRAJ KUMAR PANDA (BBSR) | (ମଧୁମେହ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ମାସ ୩ୟ ଶୁକ୍ରବାର ଦିବା ୧୧ଟାରୁ ୧ଟା |
| DR. CHANDAN KU. RAY MOHAPATRA (BBSR) | (ହୃଦ୍ ବିଭାଗ) ପ୍ରତ୍ୟେକ ମାସ ୩ୟ ରବିବାର ଦିବା ୧୦ଟାରୁ ୧ଟା |





















**ସଂକ୍ଷେପରେ**

## ଲଙ୍ଗଳେଶ୍ୱର, ଯମୁନାଶୂଳୁ ଲୋକାରଣ୍ୟ

**ଲଙ୍ଗଳେଶ୍ୱର,୧।୧(ଡି.ଏନ୍.ଏ.):** ଇଂରାଜୀ ନବବର୍ଷ ୨୦୨୦ ପାଳନ ପାଇଁ ଶୈବପୀଠ ଲଙ୍ଗଳେଶ୍ୱର ଶିବ ମନ୍ଦିରରେ ଭିଡ଼ ଜମିଥିଲା। ସେହିପରି ଯମୁନାଶୂଳୁ ବେଳାଭୂମିରେ ବୁଲିବାକୁ ବହୁ ସଂଖ୍ୟକ ଲୋକ ଆସିଥିବା ବେଳେ ସେଠାକାର ଝାଉଁ ଜଙ୍ଗଲରେ ଭୋଜି ଭାତର ଆସର ଜମିଥିଲା। ଏହି ସ୍ଥାନରେ ଆବଶ୍ୟକ ସୁବିଧା ନ ଥିବାରୁ ସନ୍ଧ୍ୟା ପୂର୍ବରୁ ଫେରିବାକୁ ପଡ଼ିଥିଲା। ଲଙ୍ଗଳେଶ୍ୱର ଶିବ ମନ୍ଦିର ରାଜ୍ୟସରକାରଙ୍କ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ପାଇଥିବା ବେଳେ ଏଠାରେ ବିକାଶ ହୋଇପାରୁ ନାହିଁ। ଅନ୍ୟପକ୍ଷେ ଯମୁନାଶୂଳୁ ବେଳାଭୂମିକୁ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ପ୍ରଦାନ ପାଇଁ ମନ୍ମଥ ଗିରି, ଶାନ୍ତନୁ ମହାପାତ୍ର, ଅନନ୍ତ ଗିରି, ଶିବ ନାରାୟଣ ବାରିକ ପ୍ରମୁଖ ଦାବି କରିଛନ୍ତି।

## ନବବର୍ଷ ଉପଲକ୍ଷେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼

**ଜଳେଶ୍ୱର,୧।୧(ଡି.ଏନ.ଏ.):** ନବବର୍ଷ ଉପଲକ୍ଷେ ଜଳେଶ୍ୱର ଅଞ୍ଚଳରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନ ଓ ମନ୍ଦିର ଗୁଡ଼ିକରେ ଭୋର୍ ସକାଳରୁ ଭକ୍ତମାନେ ଦେବତାଙ୍କର ଦର୍ଶନ କରିବା ପାଇଁ ମନ୍ଦିର ସମ୍ମୁଖରେ ଭିଡ଼ ଜମିଥିବାର ଦେଖିବାକୁ ମିଳିଥିଲା। ଜଳେଶ୍ୱର ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ସତ୍ୟ ନାରାୟଣ ମନ୍ଦିର, ଷ୍ଟେସନ ବଜାର ବାସନ୍ତି ମନ୍ଦିର, କାଳୀ ମନ୍ଦିର, ନୂଆ ବଜାର ଦୁର୍ଗା ମନ୍ଦିର, ପୁରୁଣିଆ ବଜାର ଶନିଦେବ ମନ୍ଦିର, ସତ୍ୟସାଇ ଓ ଶିରିଡ଼ିସାଇ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିବାବେଳେ ନୂଆବଜାର ଜଗନ୍ନାଥ ମନ୍ଦିର, କୃଷ୍ଣନଗର ସ୍ଥିତ ଇସ୍କନ ଜଗନ୍ନାଥ ମନ୍ଦିରରେ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

## ବ୍ୟାନର ଚିରାକୁ ନେଇ ଅସନ୍ତୋଷ

**ଲଙ୍ଗଳେଶ୍ୱର,୧।୧(ଡି.ଏନ୍.ଏ.):** ନବବର୍ଷର ଶୁଭେଚ୍ଛା ବାର୍ତ୍ତା ପାଇଁ ଅଞ୍ଚଳର ବିଭିନ୍ନ ଛକ ଓ ବଜାରରେ ବ୍ୟାନର ଲଗାଯାଇଛି। ପଞ୍ଚୁପାଲିଠାରେ ବିଜେଡିର ଶୁଭେଚ୍ଛା ବାର୍ତ୍ତା ଲେଖାଥାଇ ଏକ ବ୍ୟାନର ଲାଗିଥିଲା। ଏଥିରେ ବିଜେଡି କୃଷକ ଜନତା ଦଳର ଜିଲା ସଭାପତି ଅଜୟ କୁମାର ସାମଲଙ୍କର ଫଟୋ ଥିଲା। ତେବେ ଉକ୍ତ ଫଟୋର ମୁଣ୍ଡ ଅଂଶଟିକୁ କେହି ଜଣେ କାଟି ଦେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

## ସୀମାନ୍ତ ମହୋତ୍ସବ ତରଫରୁ ବନ୍ଧୁମିଳନ

**ଜଳେଶ୍ୱର,୧।୧(ଡି.ଏନ.ଏ.):** ଜଳେଶ୍ୱର ସୀମାନ୍ତ ମହୋତ୍ସବ ତରଫରୁ ମଙ୍ଗଳବାର ଏକ ବନ୍ଧୁମିଳନ ଉତ୍ସବ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଚିନ୍ମୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ଉତ୍ସବକୁ ପରିଚାଳନା କରିଥିଲେ। ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫୁଲ୍ଲ କୁମାର ପାଠୀ, ଡ. ରମାକାନ୍ତ ଭଞ୍ଜ, ଡ. ଈଶ୍ୱର ଚନ୍ଦ୍ର ଜେନା, ବିକ୍ରମ ମହାନ୍ତି ଓ କମିଟି ସଦସ୍ୟ ପ୍ରତୀପ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଧାନକିଣାରେ ଅନିୟମିତତା



ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାନ ରଖି ଚାଷୀମାନେ ହୋହଲ୍ଲା କରୁଛନ୍ତି।

- ଛାନୁଆ ସମିତିରେ ଚାଷୀଙ୍କ ହୋହଲ୍ଲା
- ବେପାରୀଙ୍କ ଧାନବିକ୍ରିକୁ ବିରୋଧ
- ଆନ୍ଦୋଳନ ଚେତାବନୀ

**ବସ୍ତା,୧।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଛାନୁଆ କୃଷି ସେବା ସମବାୟ ସମିତିରେ ଚାଷୀଙ୍କଠାରୁ ଧାନକିଣାରେ ଅନିୟମିତତା ହେଉଥିବା ନେଇ ବୁଧବାର ଅଭିଯୋଗ କରାଯାଇଛି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରକୃତ ଚାଷୀ ଧାନ ବିକ୍ରି କରିପାରୁ ନ ଥିବାବେଳେ ବେପାରୀମାନେ ନିୟମିତ ଧାନ ବିକ୍ରି କରୁଥିବା ଅଭିଯୋଗ କରି ସେମାନେ ସମିତି କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଥିଲେ। ବେପାରୀଙ୍କ ଧାନ ବିକ୍ରିକୁ ସେମାନେ ବିରୋଧ କରିବା ସହ ଚାଷୀଙ୍କଠାରୁ ସମିତି ଧାନ କ୍ରୟ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ରତ୍ନାକର ବେହେରା, ଦେବାଶିଷ ପରିଡ଼ା, ବସନ୍ତ ମଲିକ, ଅଶୋକ ପାଣିଗ୍ରାହୀ, ଅନିଲ ପାତ୍ର ଓ ସୁକୁମାର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ଏହି ସମିତି ଅଧୀନରେ ଛାନୁଆ, ଦୁବୁଲାଗଡ଼ି ଓ ବାହାବଳପୁର ପଞ୍ଚାୟତର ୧୨ ଗ୍ରାମର ଚାଷୀ ନିର୍ଭରଶୀଳ। ଖରିଫ ଧାନ ବିକ୍ରି ପାଇଁ ଚଳିତବର୍ଷ ୨୮୫ ଜଣ ଚାଷୀ ଅନଲାଇନ୍‌ରେ ନାମ ପଞ୍ଜୀକରଣ କରିଥିଲେ। ଗତ ଡିସେମ୍ବର ୧୬ରେ ଏଠାରେ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହୋଇଥିଲା। ଟୋକନ ମୁତାବକ ଏ ପର୍ଯ୍ୟନ୍ତ ୭୫ ଚାଷୀ ସମିତିରେ ଧାନ ବିକ୍ରି କରିଥିବା କର୍ତ୍ତୃପକ୍ଷ କହିଛନ୍ତି। ହେଲେ ବେପାରୀମାନେ ନିୟମିତ ଟୋକନପ୍ରାପ୍ତ ଚାଷୀଙ୍କ କାର୍ଡ଼ରେ ସମିତିରେ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପ୍ରକୃତ ଚାଷୀଙ୍କ ପାଖରେ ଅମଳ ଧାନ ଗଚ୍ଛିତ ଥିଲେ ହେଁ ସେମାନେ ବିକ୍ରି କରିପାରୁ ନ ଥିବାରୁ ଆନ୍ଦୋଳନ ଦାନା ବାନ୍ଧୁଛି। ଏ ସମ୍ପର୍କରେ ସମିତି ସମ୍ପାଦକ ଶତ୍ରୁଘ୍ନ ବାରିକଙ୍କୁ ପଚାରିବାରୁ କହିଛନ୍ତି, ସିରିଏଲ ଅନୁଯାୟୀ ଟୋକନପ୍ରାପ୍ତ ଚାଷୀଙ୍କଠାରୁ ଧାନ କିଣାଯାଉଛି। କେଉଁ ଚାଷୀଙ୍କ କାର୍ଡରେ ବେପାରୀ ଧାନ ବିକ୍ରି କରୁଛନ୍ତି ସେ ସମ୍ପର୍କରେ ଜାଣିନାହାନ୍ତି। ତେବେ ଅବଶିଷ୍ଟ ଚାଷୀଙ୍କଠାରୁ କ୍ରମାନ୍ୱୟରେ ଧାନ କିଣାଯିବ ବୋଲି ସେ କହିଛନ୍ତି।

# ସମବାୟ ସମିତି ଆଗରେ ଧାରଣା



ଧାନକିଣାକୁ କେନ୍ଦ୍ର କରି ବୋର୍ଡ ପକ୍ଷରୁ ଧାରଣା।

**ଜଳେଶ୍ୱର,୧।୧(ସ୍ୱ.ପ୍ର):** ଜଳେଶ୍ୱର ସ୍ଥିତ ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଚାଫଲା ସେବା ସମବାୟ ସମିତିରେ ବିବାଦ ଦେଖାଦେବାରୁ ଧାରଣା ଦିଆଯାଇଥିଲା। ଫଳରେ ଧାନ କ୍ରୟ ଲାଗି ନାମ ପଞ୍ଜୀକରଣ ନେଇ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏହି ସମବାୟ ସମିତି ଅଧୀନରେ ଥିବା ୯ଟି ଗ୍ରାମର ୨୬୩ଜଣ ଚାଷୀଥିବା ବେଳେ ୬୮ଜଣ ଚାଷୀଙ୍କ ନାମ ଧାନକ୍ରୟ ଲାଗି ପଞ୍ଜୀକରଣ ହୋଇଛି। ତେଣୁ ଧାନବିକ୍ରି କରି ନ ପାରି ଚାଷୀମାନେ ହଇରାଣ ହେଉଥିବାବେଳେ ସମ୍ପାଦକଙ୍କୁ ବୋର୍ଡ ଦାୟୀ କରିଛି। ଫଳରେ ଗତ ମଙ୍ଗଳବାର ବୋର୍ଡ ସଭାପତି ରବୀନ୍ଦ୍ର ପାତ୍ର, ମନୋରଞ୍ଜନ ଜେନା, ମୃତ୍ୟୁଞ୍ଜୟ ଭୂୟାଁ, ଅନନ୍ଦ ପାତ୍ର, ମୁରଲୀ ଗିରି ପ୍ରମୁଖଙ୍କ ନେତୃତ୍ୱରେ ସେବା ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରତି କୁଇଣ୍ଟାଲକୁ ୫/୬ କେଜି ଧାନ ଓଜନରେ କମ୍ ନିଆଯାଉ ଥିବାରୁ ଚାଷୀମାନଙ୍କ ପକ୍ଷରୁ ବିରୋଧ କରାଯାଇ ଆସୁଛି । ଧାରଣା ଆରମ୍ଭ ହେବାର କିଛି ସମୟପରେ ବାଲେଶ୍ୱରର ଡେପୁଟି ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ମହାନ୍ତି, ଏସ୍ଏଆର୍ ବିଜୟ କୁମାର ରାଉଳ, ଜଳେଶ୍ୱର ବ୍ୟାଙ୍କର ସୁପରଭାଇଜର ଅଜୟ କୁମାର କର ଓ ନିରଞ୍ଜନ ଦାସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଫଳରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଦିବ୍ୟାଙ୍ଗ ପିଲାଙ୍କ ସହ ନୂଆବର୍ଷ ପାଳିଲେ ପର୍ଯ୍ୟଟନ ମନ୍ତ୍ରୀ



ଦିବ୍ୟାଙ୍ଗ ପିଲାଙ୍କ ସହ ପର୍ଯ୍ୟଟନ ମନ୍ତ୍ରୀ।

**ଖଇରା,୧।୧(ଡ଼ି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆସ୍ଥିତ କେଶବ ପୁରସ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ସହ ନୂଆବର୍ଷ ପାଳନ କରିଛନ୍ତି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଯୁବନେତା ପପୁ ବାରିକ, ଗୋବିନ୍ଦପୁର ସେବା ସମବାୟ ସମିତିର ସଭାପତି ରବୀନ୍ଦ୍ର ବେହେରା, ହରିହର କର, ପୂର୍ବତନ ସରପଞ୍ଚ କାହ୍ନୁ ବେହେରାଙ୍କ ସହ ପୂର୍ବାହ୍ନରେ ସେ ବିଦ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ପିଲାମାନଙ୍କୁ ମିଠା ଓ ଫଳ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ପ୍ରତିଷ୍ଠାତା କେଶବ ମହାପାତ୍ର, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ମମତାଞ୍ଜଳୀ ସାହୁ, ଜୟନ୍ତୀଲତା ସ୍ୱାଇଁ, ଶିକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ, ପରେଶ କୁମାର ଦାଶ, ଉପାସନା ପାଢୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଗୃହ, ପାଚେରି, ସିସି କ୍ୟାମେରା, ଶୌଚାଳୟ, ଖେଳ ସରଞ୍ଜାମ, ବହୁ ପୂର୍ବରୁ ନିଯୁକ୍ତ ହୋଇଥିବା ଖେଳ ଶିକ୍ଷକଙ୍କ ଦରମା ସମସ୍ୟାର ସମାଧାନ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

## ୩ରୁ ବାଲିସୈରାତ ପୁନଃ କାର୍ଯ୍ୟକ୍ଷମ ଲାଗି ନିଷ୍ପତ୍ତି

**ଜଳେଶ୍ୱର,୧।୧(ଡି.ଏନ.ଏ.):** ଜଳେଶ୍ୱର ତହସିଲ ଅର୍ନ୍ତଗତ ସମସ୍ତ ବାଲି ସୈରାତ ଓ ବାଲି ପରିବହନ ଗତ ଡିସେମ୍ବର ୩ ତାରିଖଠାରୁ ବନ୍ଦ ରହିବ ବୋଲି ବାଲି ସୈରାତର ମାଲିକ ସଂଘ ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଉତ୍ତର ବାଲେଶ୍ୱର ଅଞ୍ଚଳରେ ଥିବା ବାଲି ସୈରାତଗୁଡ଼ିକ ନିଲାମ ନେଇଥିବା ମାଲିକ ଓ ତାଙ୍କର ଅଂଶଧାରୀ ସହକର୍ମୀମାନେ ତଥା ଉତ୍ତରବାଲେଶ୍ୱର ଡମ୍ପର, ଟ୍ରାକ୍ଟର ମାଲିକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇ ଉତ୍ତରବାଲେଶ୍ୱର ବାଲି ସୈରାତ ମାଲିକ ସଂଘ ନାମରେ ଏକ ସଂଘ ଗଠନ କରାଯିବା ସହ ବାଲି ସୈରାତ ପରିଚାଳନା ତଥା ସରକାରଙ୍କର ନୀତି ନିୟମାବଳୀ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ଅନୁଯାୟୀ ୭ଦଫା ଦାବି ନେଇ ବାଲି ଉଠାଣ ବନ୍ଦ କରାଯାଇଥିଲା। ଫଳରେ ବିଭିନ୍ନ ସରକାରୀ ବେସରକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଶେଷରେ ପ୍ରଶାସନ ତରଫରୁ ମୁଖ୍ୟ ଦାବିଗୁଡ଼ିକର ଆଶୁ ସମାଧାନ ପାଇଁ ଜଳେଶ୍ୱର ଓ ଭୋଗରାଇର ବିଧାୟକଙ୍କ ହସ୍ତକ୍ଷେପ ପରେ ଆସନ୍ତା ୩ତାରିଖ ଠାରୁ ବାଲିସୈରାତଗୁଡ଼ିକ ପୁନଃକାର୍ଯ୍ୟକ୍ଷମ କରାଯିବାର ନିଷ୍ପତ୍ତି ନିଆଗଲା ବୋଲି ବାଲି ସୈରାତ ମାଲିକ ସଂଘର ସଭାପତି ଭାବେ ସୁଜୟ କରଣ, ସମ୍ପାଦକ ରାଜେଶ ଖଟୁଆ ଜଣାଇଛନ୍ତି। ଫଳରେ ବହୁଦିନ ଧରି ଅସୁବିଧାରେ ପଡ଼ି ଜନସାଧାରଣଙ୍କ ବିଭିନ୍ନ ନିର୍ମାଣ କାର୍ଯ୍ୟ କରିବାର ଅସୁବିଧା ଦୂର ହେଲା।

## ୩୪ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନ
# ‘ସାହିତ୍ୟ ଜୀବନର କଥା କହେ’



ଅତିଥିମାନଙ୍କ ଦ୍ୱାରା ସାହିତ୍ୟ ପତ୍ରିକା ‘ବର୍ଷାନ୍ତ’ ଲୋକାର୍ପଣ କରାଯାଉଛି।

**ସିମୁଳିଆ,୧।୧(ଡି.ଏନ୍.ଏ.)**

ମଦର ଟେରେସା ଫିଲାନ୍ଥ୍ରୋପିକ୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ୩୪ତମ ‘ବର୍ଷାନ୍ତ ସାରସ୍ୱତ ସମ୍ମେଳନ’ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ କବି କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ କବି ଭରତ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ସଭାପତି ପୂର୍ଣ୍ଣଚନ୍ଦ୍ର ମହାଳିକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। କବି ଭରତ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କବି ଓ ଲେଖକମାନଙ୍କ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଡିଓ ଡ. ନରହରି ବେହେରା ନିଜ ବକ୍ତବ୍ୟରେ ସାହିତ୍ୟ ଜୀବନର କଥା କହେ ବୋଲି କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ସାହିତ୍ୟ ପତ୍ରିକା ରେବତୀର ସମ୍ପାଦିକା ସୁବାସିନୀ ଜେନା ଯୋଗଦେଇ ସାହିତ୍ୟ ବଞ୍ଚିଲେ ଜଗତ ବଞ୍ଚିବ ବୋଲି କହିଥିଲେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଡ. ପଦ୍ମଲୋଚନ ମହାକୁଡ, ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଅନୁଷ୍ଠାନର ଉପଦେଷ୍ଟା ଗୋକୁଳାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ଉପ ସଭାପତି ବ୍ରଜେନ୍ଦ୍ର ନାଥ ଗିରିଙ୍କୁ ବର୍ଷାନ୍ତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ‘ବର୍ଷାନ୍ତ’ ସାହିତ୍ୟ ପତ୍ରିକାର ଲୋକାର୍ପଣ କରାଯାଇଥିଲା।

## ଜାତୀୟ ସେବା ଶିବିର

**ଲଙ୍ଗଳେଶ୍ୱର,୧।୧(ଡି.ଏନ୍.ଏ.):** ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବରେ ଏସ୍‌ଆର୍ କଲେଜର ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ମୁଖ୍ୟବକ୍ତା ଅଧ୍ୟାପକ ଦୟାନିଧି ସାହୁ ଏବଂ ସମ୍ମାନନୀୟ ଅତିଥି ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ଅଧ୍ୟାପକ ସତ୍ୟ ନାରାୟଣ ସାହୁ, ମୃତ୍ୟୁଞ୍ଜୟ ଗିରି, ବନମାଳୀ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ବହୁ ଉପାଦେୟ କଥା କହିଥିଲେ। ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରୋଗ୍ରାମ ଅଫିସର ସୁଧୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସରୋଜିନୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରୁଣ ଗିରି, ବିଜୟ ଗିରି, ରାମଗୋବିନ୍ଦ ପ୍ରଧାନ, ସବିତା ସାହୁ, ଚନ୍ଦନ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ଦୈତାରୀ ଓ ସରୋଜିନୀଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

**ବାଲେଶ୍ୱର ଅଫିସ,୧।୧:** ବାଲେଶ୍ୱର ଜିଲା ଗୋପାଳଗାଁ ସ୍ଥିତ କଲଚରାଲ କ୍ଲବର ୧୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା ଯୋଗଦେଇ କ୍ଲବର ସଦସ୍ୟମାନେ ବିଭିନ୍ନ ସମୟରେ କରୁଥିବା ସାମାଜିକ କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିବା ସହ ସ୍ଥାନୀୟ କଳାସଂସ୍କୃତିକୁ ବଜାୟ ରଖିବାର ପ୍ରୟାସ ନିଆରା ବୋଲି କହିଥିଲେ। କ୍ଲବର ସଭାପତି ଅରୁଣ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ସମ୍ମାନନୀୟ ଅତିଥି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଯୁବନେତା ବିକ୍ରମ ପଣ୍ଡା, ଦିଲ୍ଲୀପ ଭୂୟାଁ, ସଞ୍ଜୀବ କୁମାର ଦାସ, ଶ୍ରୀକାନ୍ତ ବାଗୁଡ଼ାଇ ଯୋଗଦେଇ ଦୁଇଦିନ ଧରି ଏହି ବାର୍ଷିକ ଉତ୍ସବ ପାଳିତ ହେଉଥିବାରୁ ସ୍ଥାନୀୟ ଲୋକମାନେ ପୁରାତନ ବର୍ଷକୁ ବିଦାୟ ଏବଂ ନବବର୍ଷକୁ ସ୍ୱାଗତ କରିବାର ସୁଯୋଗର ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଟାଉନ୍ ଥାନା ଅଧିକାରିଣୀ ସରୋଜିନୀ ନାୟକ ଏବଂ ଯାତ୍ରା ଜଗତର ମହାନ କଳାକାର ଦୈତାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସମ୍ପାଦକ ଦେବେନ୍ଦ୍ର ରାଉତ, ପ୍ରଭାତ ମହାନ୍ତି, ଅନୁପ ସ୍ୱାଇଁ, ସୁମନ୍ତ ସାହୁ, ସରତ ଦାସ, ପ୍ରାଣକୃଷ୍ଣ ସେନ, ବୀରକିଶୋର ଜେନା, ପ୍ରୀତି ରଞ୍ଜନ ସିଂହ, ସବନା ସିଂହ, ଅବିନାଶ ସ୍ୱାଇଁ, ରୂପକ ସାହୁ, ଅବିନାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଅନ୍ତର୍ଜାତୀୟ ମାନବାଧିକାର କାଉନସିଲ ଶାଖା ଉଦ୍‌ଘାଟିତ



ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ।

**ବାଲେଶ୍ୱର ଅଫିସ,୧।୧**

ବାଲେଶ୍ୱର ସହର ହସ୍‌ପିଟାଲ ରୋଡ଼ରେ ଅନ୍ତର୍ଜାତୀୟ ମାନବ ଅଧିକାର କାଉନସିଲର ଜିଲା ବୋର୍ଡର ସୋସିଆଲ ଜଷ୍ଟିସ ଏବଂ ଏମ୍‌ପାୱାରମେଣ୍ଟ ଡିପାର୍ଟମେଣ୍ଟ ଶାଖା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଡା. ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ମାନବ ସେବାଧର୍ମୀ କାର୍ଯ୍ୟକ୍ରମକୁ ସାଧୁବାଦ ଦେବା ସହିତ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଶାଖାର ସଭାପତି ଜ୍ୟୋତ୍ସ୍ନା ସେନାପତି ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ନୀଳକଣ୍ଠ ଦୀକ୍ଷିତ ଶାଖା ଗଠନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆଗକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦୀପ ଚାଟାର୍ଜୀ, ତପନ ରାୟ, ବାସନ୍ତୀ ନାୟକ, ହିମାନୀ ରାଉତ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନିକଟସ୍ଥ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ଫୁଲ, ଫଳ, କେକ୍, ବିସ୍କୁଟ ଓ ହର୍ଲିକ୍ସ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଉପ-ସଭାପତି ରାଜଲକ୍ଷ୍ମୀ ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦିର ରାସ୍ତା ପାଇଁ ଆନ୍ଦୋଳନ ଚେତାବନୀ

**ସିମୁଳିଆ,୧।୧(ଡି.ଏନ୍.ଏ.)**



ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଓ ଭକ୍ତମାନଙ୍କ ପକ୍ଷରୁ ଅନୁଷ୍ଠିତ ସଭା।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା'ଭଗିଆଶୁଣୀ ମନ୍ଦିରକୁ ଜାତୀୟ ରାଜପଥରୁ ସିଧା ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଓ ବିଭିନ୍ନ ଅଞ୍ଚଳର ଭକ୍ତମାନେ ମନ୍ଦିର ପରିସରରେ ଏକତ୍ରିତ ହେବା ସହିତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଜନ ସ୍ୱାର୍ଥକୁ ପ୍ରଶାସନ ଗୁରୁତ୍ୱ ନ ଦେଲେ ପରିଚାଳନା କମିଟି ଓ ଜନ ସାଧାରଣଙ୍କ ପକ୍ଷରୁ ଶୋଭାଯାତ୍ରା, ରାଲି ଓ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ ମା'ଭଗିଆଶୁଣୀଙ୍କ ପୀଠକୁ ରାସ୍ତା ସିଧା ନିର୍ମାଣ ପାଇଁ ଗତ ୧୦ବର୍ଷ ପୂର୍ବେ ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଓ ଭକ୍ତମାନେ ଯୋଜନା କରିଥିଲେ । ଜମି ମାଲିକ କଲିକତାର ପ୍ରବୀର ସରକାରଙ୍କୁ ଆବେଦନ କରାଯିବାରୁ ସେ ଲିଖିତ ମଞ୍ଜୁରୀ ମଧ୍ୟ ପ୍ରଦାନ କରିଥିଲେ । ପରେ ଜମି ଅଦଳ ବଦଳ ପାଇଁ ସରକାରଙ୍କ ଆର୍‌ଡିସି ବିଭାଗକୁ ଜଣାଯିବା ସହିତ ହାଇକୋର୍ଟରେ ଏନେଇ ମାମଲା ଚାଲିଛି । ତେବେ ପ୍ରବୀରଙ୍କ ସମ୍ପର୍କୀୟ ଏହି ଜମିକୁ ଅନ୍ୟ ଜଣଙ୍କୁ ବିକ୍ରି କରିଦେବା ପରେ ସମସ୍ୟା ସୃଷ୍ଟି ହୋଇଛି। କେତେକ ଜମି ଦଲାଲ ଓ ଅସାମାଜିକ ବ୍ୟକ୍ତି ରାସ୍ତା କରାଇ ନ ଦେବା ପାଇଁ ଚକ୍ରାନ୍ତ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୧।୧(ଡି.ଏନ୍.ଏ.)- ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଅଞ୍ଚଳ କାର୍‌ଗିଲ ଛକ ନିକଟସ୍ଥ ବସ୍ତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ଗୋବିନ୍ଦ କାରୁଆଙ୍କ ପତ୍ନୀ ଶିବାନୀ କାରୁଆ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୦) ରୁଜୁ କରି ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତ ଶିବାନୀଙ୍କ ବାପଘର ଝାଡ଼ଖଣ୍ଡ ରାଜ୍ୟ ରାଜନଗର ଥାନା ଅନ୍ତର୍ଗତ କେଶରଗଡ଼ିଆ ଗ୍ରାମରେ। ଦୁଇବର୍ଷ ତଳେ ସେ ଗୋବିନ୍ଦଙ୍କୁ ବିବାହ କରିଥିଲେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ନୂଆବର୍ଷ

#### ବଡ଼ସାହି ଚଳଚଞ୍ଚଳ

ବଡ଼ସାହି,୧।୧(ସ୍ୱ.ପ୍ର)- ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବଡ଼ସାହି ବ୍ଲକର ବିଭିନ୍ନ ସ୍ଥାନ ଉତ୍ସବ ମୁଖର ହୋଇ ଉଠିଛି। ବିଭିନ୍ନ ସଂଗଠନ, ଯୁବକସଂଘ ତଥା ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୂତନବର୍ଷକୁ ସ୍ୱାଗତ କରାଯାଇଥିଲା। ନୃତ୍ୟ ଓ ସଙ୍ଗୀତର ତାଳେତାଳେ ରଙ୍ଗବେରଙ୍ଗର ଆତସବାଜି ପରିବେଶକୁ ମନୋରମ କରିଥିଲା। ବଡ଼ସାହି ଯୁବ ସଂଗଠନ ପକ୍ଷରୁ ସନ୍ଧ୍ୟାରେ ଶିଂଘବାଦ୍ୟର ତାଳେ ତାଳେ ନୃତ୍ୟ ଆରମ୍ଭ ହୋଇଥିଲା। ଯୁବ ସଂଗଠକ ଶଶାଙ୍କ ଶେଖର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ଜନସାଧାରଣ ପୁରୁଣା ବର୍ଷକୁ ବିଦାୟ ଜଣାଇ ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ସଂଗଠନର ସନ୍ୟାସୀ ଦାସ, ଦେବାଶିଷ ପଣ୍ଡା, ସଞ୍ଜୀବ ସାହୁ, ଦୀପକ ପଣ୍ଡା, ପ୍ରଶାନ୍ତ ବିଶ୍ୱାଳ, ଶ୍ରୀଧର ବାରିକଙ୍କ ସମେତ ବହୁ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ସେହିପରି ଅନେକ ସ୍ଥାନରେ ମେଲୋଡ଼ି ଠାରୁ ଆରମ୍ଭ କରି ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା ହୋଇଥିଲେ। ବିଭିନ୍ନ ସ୍ଥାନରେ ଭୋଜିଭାତର ଆୟୋଜନ ମଧ ହୋଇଥିଲା। ନବବର୍ଷ ସକାଳେ ଫଳ, ମିଠା, ଗ୍ରୀଟିଙ୍ଗ୍‌ସ ତଥା ଡ଼ାଏରୀ ଦୋକାନରେ ଭିଡ଼ ଜମିଥିଲା। ବ୍ଲକରେ ଥିବା ପ୍ରସିଦ୍ଧ ମାଣତ୍ରୀ ଶୈବପୀଠ, ମା' ହିଙ୍ଗୁଳାଙ୍କ ପୀଠ, ହରିପୁରଗଡ଼, କୁରାଢ଼ିଆସ୍ଥିତି ଏଚ୍‌ଡ଼ିଏଫ୍ ଫାର୍ମହାଉସ ଓ ପାଉଁଶିଆ ବନ୍ଧରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

#### ରାଇରଙ୍ଗପୁର ଉତ୍ସବମୁଖର

ରାଇରଙ୍ଗପୁର,୧।୧(ଡି.ଏନ୍.ଏ.)- ନୂଆବର୍ଷ-୨୦୨୦ ପାଳନ ସକାଶେ ରାଇରଙ୍ଗପୁର ସବ୍‌ଡିଭିଜନର ପୁରପଲ୍ଲୀ ଉତ୍ସବମୁଖର ହୋଇପଡ଼ିଥିଲା। ସହରାଞ୍ଚଳସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥିଲା। ଏହି ସବ୍‌ଡିଭିଜନ ଅଧୀନ ସୁଲେଇପାଟ, ବାଙ୍କବଳ, ନେସା ନଦୀବନ୍ଧ ପାର୍ଶ୍ୱରେ ପିକ୍‌ନିକ ପାର୍ଟିଙ୍କ ଭିଡ଼ ଜମିଥିଲା। ସହରାଞ୍ଚଳର ବିଭିନ୍ନ ଛକ ରାସ୍ତା ଏବଂ ବସ୍ତି ଅଞ୍ଚଳରେ ବିଭିନ୍ନ ଯୁବ ଅନୁଷ୍ଠାନର ଯୁବକମାନେ ବିଦାୟୀ-୨୦୧୯ ଏବଂ ନବ ବର୍ଷ -୨୦୨୦ ମସିହାକୁ ସ୍ୱାଗତ ସକାଶେ ମଙ୍ଗଳବାର ବିଳମ୍ବିତ ରାତିରୁ ବୁଧବାର ପୂର୍ବାହ୍ନ ପର୍ଯ୍ୟନ୍ତ ମାଇକ୍ ବଜାଇ ଓ ବାଣ ଫୁଟାଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା।

# ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ନବବର୍ଷକୁ ସ୍ୱାଗତ

ବାରିପଦା ଅଫିସ,୧।୧



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବାରିପଦା ଶହୀଦ ପଡ଼ିଆଠାରେ ସାମାଜିକ ଅନୁଷ୍ଠାନ କ୍ଲବ ଫ୍ରେଣ୍ଡଶିପ ପକ୍ଷରୁ ମଙ୍ଗଳବାର ରାତିରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ନବବର୍ଷକୁ ସ୍ୱାଗତ କରାଯାଇଛି। ଅତିଥିମାନଙ୍କୁ ଗୋଟିଏ ଗୋଟିଏ ଚାରା ଗଛ ପ୍ରଦାନ କରି ଅନୁଷ୍ଠାନ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲା। ଅନୁଷ୍ଠାନର ସଭାପତି ଇଂ. ଦେବାଶିଷ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଡିଭାଇନ କଲେଜର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ, ବାରିପଦା ପୌର ପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ସତ୍ୟରଞ୍ଜନ ପଟ୍ଟନାୟକ ଓ ଯୁବ ସଂଗଠକ ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଯୋଗଦେଇ ନାଚ ଗୀତରେ ବିଭିନ୍ନ ସ୍ଥାନରେ ନବବର୍ଷକୁ ସ୍ୱାଗତ କରୁଥିବା ବେଳେ ଏହି ଅନୁଷ୍ଠାନ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେଖ ଅବଦୁଲ ହବିବ, ପାରୁଲ ଧରମହାପାତ୍ର, ଜିତେନ୍ଦ୍ର ଦାସ, ଇଂ. ଦେବାଶିଷ ବିଶ୍ୱାଳ, ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ, ଜିତେନ୍ଦ୍ର ମହାନ୍ତି ଓ ଖବରଦାତା ରବିନାରାୟଣ ଚଲାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିବ ପ୍ରଧାନ, ସ୍ନେହାଶିଷ ପାଲ, ପ୍ରଶାନ୍ତ କୁମାର ନାୟକ, ସୁରଜ କୁମାର, ଫୈଜଲ ଖାନ, ଅମନ ଏକ୍କ ପପ୍ପୁ, କମଲେଶ ଅଗ୍ରୱାଲ, ସୁଶାନ୍ତ କୁମାର ନାୟକ ପ୍ରମୁଖଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଧାନଗଦାରେ ନିଆଁ ଲଗାଇଲେ ଯୁବକ

ବଡ଼ସାହି,୧।୧(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ସୁହାଗପୁର ପଞ୍ଚାୟତ ଗୋଉଡମୁଣ୍ଡୁଳି ଗ୍ରାମର ଜଣେ ଯୁବକ ୩ ଏକର ଜମିରେ ଥିବା ଧାନଗଦାରେ ନିଆଁ ଲଗାଇ ଦେଇଛନ୍ତି। ଏ ସମ୍ପର୍କରେ ଚାଷୀ ବିଜୟ ଶଙ୍ଖୁଆଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ବିଲରେ ଗଦା ହୋଇଥିବା ଧାନରେ ଯୁବକ ଜଣକ ମଙ୍ଗଳବାର ରାତିରେ ନିଆଁ ଲଗାଇଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା ଯୋଗୁ ପ୍ରାୟ ଦେଢ ଲକ୍ଷ ଟଙ୍କାର ଧାନ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲଗାଇଥିବା ଯୁବକ ଜଣକୁ ଥାନାକୁ ଆଣି ପୋଲିସ ପଚରା ଉଚୁରା ଜାରି ରଖିଛି।


ପୋଡ଼ି ଯାଇଥିବା ଧାନଗଦା।

# ବଣଭୋଜିରେ ବିତିଲା ନୂଆବର୍ଷ


ବଣ ଭୋଜି ଲାଗି ଲୋକ ଭିଡ଼ ଜମାଇଛନ୍ତି।

ଖୁଣ୍ଟା,୧।୧(ଡ଼ି.ଏନ୍.ଏ.)

ଖୁଣ୍ଟା ଅଞ୍ଚଳରେ ନୂଆବର୍ଷ -୨୦୨୦କୁ ଲୋକେ ମଉଜ ମଜଲିସରେ ପାଳନ କରିଛନ୍ତି। ସକାଳୁ ଠାକୁରଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁମାନେ ମନ୍ଦିରମାନଙ୍କରେ ଭିଡ଼ ଲଗାଇଥିଲେ।। ଘରେ ଘରେ ପିଠାପଣା ଓ ମାଛ ମାଂସର ଅସର ଜମି ଥିବା ବେଳେ ବଣଭୋଜି କରି ମଉଜ କରିଥିଲେ। ଘରୁ ରନ୍ଧା ଖାଦ୍ୟ ନେଇ କେତେକ ଲୋକ ବିଲ ହୁଡ଼ାରେ ଭୋଜି କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଅଞ୍ଚଳରେ ଥିବା କେତେକ ପ୍ରମୁଖ ବଣଭୋଜି ସ୍ଥାନରେ ସାନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ଜମି ରହିଥିଲା। ଶିମିଳିପାଳ ପାଦ ଦେଶରେ ଥିବା ଡେଙ୍ଗାମ ପଞ୍ଚାୟତର ଆଡିକୂଳ ବନ୍ଧ ଓ ଟୁଙ୍କି ଝରଣ ଜଳ ପ୍ରପାତ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶରେ ବଣଭୋଜି କରି ଲୋକେ ମଉଜ ମଜଲିସରେ ଦିନ ବିତାଇଥିଲେ। ସେହିପରି ଖୁଣ୍ଟା ବଜାର ନିକଟସ୍ଥ ଦୁତୁଆ ବାରୁଣୀର ଗଙ୍ଗାହର ନଦୀକୂଳ , କୁମ୍ଭୀରା ହୁଡ଼ି ଓ କ୍ରାନ୍ତି ପୀଠ ଡେଲେଙ୍ଗି ନାଳ ଇତ୍ୟାଦି ସ୍ଥାନରେ ଲୋକେ ବଣଭୋଜି କରିଥିଲେ।

# ଜାତୀୟ ସେବା ଶିବିର

କୁଆମରା,୧।୧(ଡ଼ି.ଏନ୍.ଏ.)



ସେବା ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ସପ୍ତାହ ବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଯୋଜନା ଅଧିକାରୀ ଅଧାପକ ଅବନୀ କୁମାର ମହାନ୍ତି ଓ ଅଧାପିକା ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ବାଳକ ଓ ବାଳିକା ବିଭାଗର ମୋଟ ୫୦ ଜଣ ଶିବିରାର୍ଥୀ ଯୋଗ ଦେଇ ମହାବିଦ୍ୟାଳୟ, ନୃସିଂହ ମନ୍ଦିର, ବଜାର ଓ ହାଟରେ ସଫେଇ କାର୍ଯ୍ୟ, ବୃକ୍ଷରୋପଣ, ଅନ୍ଧବିଶ୍ୱାସ ଓ ନିଶା ନିବାରଣ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧକ୍ଷ ସୁବଳ ଦାସ, ଅଧାପକ ପ୍ରଭାତ ସେନାପତି, ଛତିଶ ଦାସ, ଅଶ୍ୱିନୀ କୁମାର ପ୍ରଧାନ, ପ୍ରାଧାପକ କରୁଣାକର ମହାପାତ୍ର ଯୋଗ ଦେଇ ଛାତ୍ରୀଛାତ୍ରୀମାନଙ୍କୁ ସେବା ମୂଳକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

### କପ୍ତିପଦା କ୍ରିକେଟ ଟୁର୍ନାମେଣ୍ଟ

# ଆଗରପଡ଼ା ହିଟ୍‌ମାଇଣ୍ଡ ଚାମ୍ପିୟନ

କପ୍ତିପଦା,୧।୧(ଡ଼ି.ଏନ୍.ଏ.)

କପ୍ତିପଦା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ କପ୍ତିପଦା ଓ ଆଗରପଡ଼ା ହିଟ୍‌ମାଇଣ୍ଡ୍ ମଧରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିଣି କପ୍ତିପଦା ଦଳ ପ୍ରଥମେ ବ୍ୟାଟିଂ କରି ୧୧ ଓଭରରେ ସମସ୍ତ ୱିକେଟ୍ ହରାଇ ୪୬ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଆଗରପଡ଼ା ଦଳ ୯ ଓଭର ଖେଳି ୫ ୱିକେଟ୍ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ଚାମ୍ପିୟନ୍ ହୋଇଥିଲା। ଅତିଥି ଭାବେ ସମୀର ରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ଚାମ୍ପିୟନ ଆଗରପଡ଼ା ଦଳକୁ ଟ୍ରଫି ସହ ୩୦ହଜାର ଏବଂ ରନର୍ସ ଅପ୍ କପ୍ତିପଦା ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ବେଷ୍ଟ ବୋଲର୍ ଭାବେ ଆଗରପଡ଼ା ଦଳର ଅଙ୍ଗା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସିପୁଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ବ୍ୟାଟ୍‌ସ ମ୍ୟାନ୍ ଭାବେ କପ୍ତିପଦା ଦଳର ଅଭିଷେକ ମହାନ୍ତି, ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ସୌମ୍ୟରଞ୍ଜନ ପାଲ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଷୀରୋଦ୍ ମୁଖୀ ଓ ଜଗନ୍ନାଥ ପରିଡ଼ା ଖେଳ ପରିଚାଳନା କରିଥିଲେ। ନିହାରରଞ୍ଜନ ଦାସ, ସଂଗ୍ରାମ ଦାସ, ଅଭିଷେକ ମହାନ୍ତି, ସୌମ୍ୟରଞ୍ଜନ ପାଲ୍, ସତ୍ୟସାଗର ମହାପାତ୍ର, ପ୍ରୀତମ୍ ଆଚାର୍ଯ୍ୟ ଓ ବଳରାମ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ମହେଶ ସିହ୍ନା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏମ୍‌କେସି ହାଇସ୍କୁଲ ଚାମ୍ପିୟନ


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବାରିପଦା ଅଫିସ,୧।୧

ବାରିପଦା ସହର ମଧୁବନ ମିନି ଷ୍ଟାଡିୟମରେ ମୟୂରଭଞ୍ଜ କ୍ରିକେଟ ଏକାଡେମୀ ଆନୁକୁଲ୍ୟରେ ଚାଲିଥିବା ଅଷ୍ଟମ ମହେଶ ସିହ୍ନା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ମହାରାଜା କୃଷ୍ଣ ଚନ୍ଦ୍ର ହାଇସ୍କୁଲ (ଏମକେସି) ଓ ସେଣ୍ଟ ମେରି କନଭେଣ୍ଟ ସ୍କୁଲ ମଧରେ ଅନୁଷ୍ଠିତ ହୋଇଥିଲା । ସେଣ୍ଟମେରୀ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ରେ ୬୭ ରନ କରିଥିଲା। ଏହାର ଜବାବରେ ଏମକେସି ୮ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ସମାଜିକ କର୍ମୀ ଗିରିଶଚନ୍ଦ୍ର ଦାସ, ପୂର୍ବତନ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଡିଭାଇନ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ବୁଗୁଡେଇ ଏବଂ ଖବରଦାତା କଲ୍ୟାଣ ସିହ୍ନା ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଯୁବରାଜ ସିଂ, ମ୍ୟାନ ଅଫ ଦି ସିରିଜ ଫାଇମ କାଦ୍ରୀ, ବେଷ୍ଟ କିପର ସତ୍ୟ ମହାନ୍ତ , ବେଷ୍ଟ ଅଲ ରାଉଣ୍ଡର ଯୁବରାଜ ସିଂ, ବେଷ୍ଟ ବ୍ୟାଟ୍ସମ୍ୟାନ ଅଭିନୟ ବେହେରା, ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ ନାଇଟ ଆଞ୍ଜେଲ ପବ୍ଲିକ ସ୍କୁଲ (କରଞ୍ଜିଆ)କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟର ସୌରଜିତ ସାହୁ ଓ ସୁବିନୟ ଦାସ ପରିଚାଳନା କରିଥିଲେ। ସ୍କୋରର ଭାବେ ଶାନ୍ତନୁ ନାୟକ ଓ ପ୍ରିୟାଂଶୁ ଖାଠୁଆ ପରିଚାଳନା କରିଥିଲେ। ଆୟୋଜକ ଲୋହିତ କୁମାର ଦାସ , ଫାଲଗୁନି ମହାନ୍ତି , ସମ୍ପାଦକ ଚିନ୍ମୟ କୁମାର ସିହ୍ନା, ନାଇଟ ଆଞ୍ଜେଲ ସଭାପତି ରଞ୍ଜନ ମହାନ୍ତି , କୋଚ, ପ୍ରଣବ ପ୍ରମିଜ, ପୁଲିନ ସିନହା ଏବଂ ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ।

# ଭୀମଦାରେ ଗଙ୍ଗାହାର ମହୋତ୍ସବ

ବଡ଼ସାହି,୧।୧(ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତ ଅର୍ଜ୍ଜୁନବାରିଆ ବାସନ୍ତୀ ମଣ୍ଡପ ପ୍ରାଙ୍ଗଣରେ ୫ମ ବାର୍ଷିକ ଗଙ୍ଗାହାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ଼ାଇମଣ୍ଡ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧାପକ ପ୍ରଭାତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ମୁଖ୍ୟବକ୍ତା ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ଼. ଭାଗବତ ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ କୁମାର ମିଶ୍ର, ଯୁବ ସଂଗଠକ ନିହାର ରଞ୍ଜନ ମହାପାତ୍ର, ସରପଞ୍ଚ ମଞ୍ଜୁଲତା ସିଂ ପ୍ରମୁଖ ଉପସ୍ଥିତ ରହି ମୟୂରଭଞ୍ଜ ଜିଲା ହେଉଛି କଳା ଓ ସଂସ୍କୃତିର ମାଟି, ଏପରି ମହୋତ୍ସବ ଆୟୋଜନ ଅଞ୍ଚଳରେ ଭାଇଚାରା ଓ ସଦଭାବନାକୁ ଉଦ୍‌ଜିବୀତ କରି ରଖିବ ବୋଲି ବକ୍ତବ୍ୟ ମାଧମରେ ପ୍ରକାଶ କରିଥିଲେ । ଉତ୍ସବରେ ଯୋଗ ଦେଇଥିବା ସମସ୍ତ ଅତିଥିଙ୍କୁ କ୍ଲବ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଫଳ ଚାଷୀ ହରିହର ସାନ୍ତରାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ନୂଆବର୍ଷ ପାଳନ

ଉଦଳା,୧।୧(ଡ଼ି.ଏନ୍.ଏ.)

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ଉଦଳା ୟୁନିକ୍ ପ୍ରେସ୍ କ୍ଲବ ପକ୍ଷରୁ ନୂତନ ବର୍ଷ -୨୦୨୦କୁ ସ୍ୱାଗତ କରାଯାଇଛି। ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ପ୍ରେସ୍ କ୍ଲବର ସଦସ୍ୟମାନେ ଉଦଳାସ୍ଥିତ ଭାରତ ଜ୍ୟୋତି ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଏହି ଅବସରରେ ଏକ ସାଂସ୍କୃତିକ ମଞ୍ଚର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ଗୌରହରି ମହାନ୍ତ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ। ନୂଆ ବର୍ଷକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କେକ୍ କଟାଯାଇଥିଲା । ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରେସ୍ କ୍ଲବର ଏହି ନିଆରା ପ୍ରୟାସକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭାପତି ସନ୍ତୋଷ କୁମାର ବାଛିନୀ, ସାଧାରଣ ସମ୍ପାଦକ ମାନସ ପାଣି, ସନ୍ଦୀପ ମହାନ୍ତି, ଦୀପକ କୁମାର ପରିଡା, ଶୁଭାଶିଷ ପତି, ସମ୍ପୂର୍ଣ୍ଣ ହେମ୍ବ୍ରମ୍, ତପନ ପାତ୍ର, ଅଭିଜିତ୍ ବେହେରା, ଦୀପକ ମିଶ୍ରଙ୍କ ସମେତ ଅଧାପକ ଦିଲ୍ଲୀପ କୁମାର ପ୍ରାମାଣିକ ସହଯୋଗ କରିଥିଲେ।


ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ ନୂଆ ବର୍ଷକୁ ସ୍ୱାଗତ କରୁଛନ୍ତି।



ଅତିଥିଙ୍କ ସହିତ କୃତୀ ପ୍ରତିଯୋଗୀମାନେ ।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଦୃଢ଼ ଇଚ୍ଛାଶକ୍ତି ଦରକାର'

ବାରିପଦା ଅଫିସ,୧।୧

ମୟୂରଭଞ୍ଜ ଜିଲା ବାରିପଦା ପୋଡାଅସ୍ତିଆସ୍ଥିତ ଡିଭାଇନ ଇଞ୍ଜିନିୟରିଂ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିମନ୍ୟୁ ନାୟକ ଓ ସମ୍ମାନନୀୟ ଅତିଥି ଭାବେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଯୋଗଦେଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଦୃଢ଼ ଇଚ୍ଛାଶକ୍ତି ଓ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଦ୍ୱାରା ମାନବିକ କର୍ମତତ୍ପରତା ବୃଦ୍ଧି ପାଇ ସମାଜରେ ଜଣେ ନିଜକୁ ପ୍ରତିଷ୍ଠିତ ବ୍ୟକ୍ତି ରୂପେ ପ୍ରତିପାଦିତ କରିପାରିଥାଏ ବୋଲି ମଧ କହିଥିଲେ। କଲେଜର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କଲେଜର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ, ଏକାଡେମିକ ଡାଇରେକ୍ଟର ଇଂ. ସବ୍ଯୁତ ପାଢ଼ୀ ଓ ଅଧ୍ୟକ୍ଷ ଇଂ. ଅଭିନ୍ନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୨୬ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ବର୍ଗର କ୍ରିକେଟରେ ଇଲେକ୍ଟ୍ରିକାଲ ଆଣ୍ଡ ମେକାନିକାଲ ଦଳ (ଦ୍ୱିତୀୟ ବର୍ଷ), ଭଲିବଲରେ ମେକାନିକାଲ ଦଳ (ତୃତୀୟ ବର୍ଷ) ଓ ଫୁଟବଲରେ ଇଲେକ୍ଟ୍ରିକାଲ ଦଳ (ତୃତୀୟ ବର୍ଷ) ଚାମ୍ପିୟନ ହୋଇଥିଲେ। ସେହିପରି ଛାତ୍ରୀ ବର୍ଗର କବାଡିରେ ଡାଇମଣ୍ଡ ଦଳ, ବାସ୍କେଟ ବଲରେ ଆର ଡାଇମଣ୍ଡ ଦଳ ଚାମ୍ପିୟନ ହୋଇଥିଲେ।

